ଦାଦନ ବାଇ, ଭାଗଚାନ୍ଦ ସିନ୍ଧିଙ୍କ ବିଧବା

ବନାମ

ଅର୍ଜୁନଦାସ

ମାର୍ଚ୍ଚ 31,1995

[ଆର୍. ଏମ୍. ସାହାଇ ଏବଂ ଏସ୍. ବି. ମଜମୁଦାର, ନ୍ୟାୟମୂର୍ତ୍ତିଦ୍ୱୟ]

*ଏମ୍. ପି. ଗୃହ ଭଡା ନିୟନ୍ତ୍ରଣ ଅଧିନିୟମ, 1961: ଧାରା 23A (B)*

*ପଟ୍ଟାଦାତା -- ଭଡ଼ାଟିଆ ଦ୍ୱାରା ସ୍ୱତ୍ୱ ବିବାଦୀୟ ନୁହେଁ-- ଏପରି ପଟ୍ଟାଦାତା ହେଉଛନ୍ତି ସେହି ମାଲିକ, ଯାହାଙ୍କ ଅନୁରୋଧକ୍ରମେ ବେଦଖଲ ଆବେଦନ ଗ୍ରହଣଯୋଗ୍ୟ ଅଟେ ।*

**ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ବେଦଖଲ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଖାରଜ କରିଦେଇଥିଲେ ଯେ ସେ ମାଲିକ ନୁହଁନ୍ତି କାରଣ ସେହି ପରିସରଟି ପୌର ନିଗମର ଥିଲା ।**

**ଏହି ଆକ୍ଷେପିତ ଆଦେଶକୁ ଅଗ୍ରାହ୍ୟ କରି ଏବଂ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ପାଖକୁ ପଠାଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: ଜଣେ ପଟ୍ଟାଦାତା ଯାହାର ଅଧିକାରକୁ ଭଡ଼ାଟିଆ ଦ୍ୱାରା ବିବାଦ କରାଯାଇପାରିବ ନାହିଁ, ନିଃସନ୍ଦେହରେ ସେ ହେଉଛନ୍ତି ମାଲିକ, ଯାହାଙ୍କ ଅନୁରୋଧକ୍ରମେ ବେଦଖଲ ପ୍ରକ୍ରିୟା ଗ୍ରହଣଯୋଗ୍ୟ ଥିଲା । ତେଣୁ, ଆବେଦନକାରୀଙ୍କ ସପକ୍ଷରେ ପାରିତ ବିଚାରାଦେଶକୁ ରଦ୍ଦ କରିବାରେ ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ନଥିଲେ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 4183/1995

21.7.89 ତାରିଖରେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ସି. ଆର. 481/1989 ସଂଖ୍ୟାରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଡ. ଏନ୍. ଏମ୍. ଘାଟଟେ, ଏସ୍. ଭି. ଦେଶପାଣ୍ଡେ ଏବଂ ପ୍ରମିତ ସକ୍ସେନା ଆବେଦନକାରୀ ପାଇଁ ।

ଏସ୍. କେ. ଅଗ୍ନିହୋତ୍ରୀ ପ୍ରତିବାଦୀଙ୍କ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ପକ୍ଷମାନଙ୍କ ଓକିଲଙ୍କୁ ଶୁଣିଲୁ । ଜମି ମାଲିକାଣୀ-ପଟ୍ଟାଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ବେଦଖଲ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ ଯେହେତୁ ସେ ମାଲିକ ନଥିଲେ, ତାଙ୍କ ସ୍ୱୀକାରୋକ୍ତି ଅନୁଯାୟୀ, ପରିସରଟି ପୌର ନିଗମର ଥିଲା । ଏମ.ପି. ଗୃହ ଭଡା ନିୟନ୍ତ୍ରଣ ଅଧିନିୟମ 23-A (b) ରେ ବ୍ୟବହୃତ 'ମାଲିକ' ଶବ୍ଦକୁ ଆମ ମତରେ ସଂକ୍ଷିପ୍ତ ଭାବରେ ବ୍ୟାଖ୍ୟା କରାଯାଇଛି । ଜଣେ ପଟ୍ଟାଧାରୀ ଯାହାର ଅଧିକାରକୁ ଭଡ଼ାଟିଆ ଦ୍ୱାରା ବିବାଦ କରାଯାଇପାରିବ ନାହିଁ, ନିଃସନ୍ଦେହରେ ସେ ହେଉଛନ୍ତି ମାଲିକ, ଅନୁରୋଧକ୍ରମେ ଯାହାଙ୍କ ବେଦଖଲ ପ୍ରକ୍ରିୟା ଗ୍ରହଣଯୋଗ୍ୟ ଥିଲା । ତେଣୁ, ଯେହେତୁ

ପରିସରଟି ମ୍ୟୁନିସିପାଲ କର୍ପୋରେସନର ଥିଲା, ତେଣୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଯୋଗ୍ୟ ନଥିଲା କହି ଜମି ମାଲିକଙ୍କ ସପକ୍ଷରେ ପାରିତ ବିଚାରାଦେଶକୁ ଏହି ଆଧାରରେ ଖାରଜ କରିବାରେ, ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ନଥିଲେ ।

ତଦନୁସାରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରାଗଲା । ଆଇନ ଅନୁଯାୟୀ ଏବଂ ଗୁଣବତ୍ତା ଆଧାରରେ, ଯେତେ ଶୀଘ୍ର ସମ୍ଭବ ଏହି ମାମଲାରେ ନିଷ୍ପତ୍ତି ନେବା ପାଇଁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ପାଖକୁ ପଠାଗଲା ।

ଆବେଦନର ଫଏସଲା କରାଗଲା ।

ଟି. ଏନ୍. ଏ. ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।